ସି. କେ. ଲୋକେଶ

ବନାମ

ପି. ଇ. ପାଣ୍ଡୁରଙ୍ଗା ନାଇଡୁ

20 ସେପ୍ଟେମ୍ବର, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଆଦେଶ 5 ନିୟମ 20A, ଆଦେଶ 9 ନିୟମ 13 – ମାଲିକାନା ଘୋଷଣା ପାଇଁ ଏବଂ ମକଦ୍ଦମାର ସମ୍ପତ୍ତିରେ ହସ୍ତକ୍ଷେପରୁ ଅପିଲକାରୀଙ୍କୁ ବାରଣ କରିବା ପାଇଁ ନିଷେଧାଦେଶ ପାଇଁ ମକଦ୍ଦମା – ଅପିଲକାରୀଙ୍କ ଉପରେ ବ୍ୟକ୍ତିଗତ ଜାରି କାର୍ଯ୍ୟକାରୀ ହୋଇନଥିଲା – ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଖବରକାଗଜରେ ପ୍ରକାଶନ ଦ୍ୱାରା ବିକଳ୍ପ ଜାରି ମଧ୍ୟ ଅପିଲକାରୀଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ – ଏକତରଫା ସ୍ଥିର କରାଗଲା – ଜାଣି ପାଇବା ପରେ ଏକ ତରଫା ଡିକ୍ରି ଏବଂ ଆଦେଶକୁ ରଦ୍ଦ କରିବା ପାଇଁ ଅପିଲକାରୀ ଆବେଦନ ଦାଖଲ କରିଥିଲେ – ଜିଲ୍ଲା ବିଚାରପତିଙ୍କ ଦ୍ୱାରା ଅନୁମୋଦିତ – ଏକକ ବିଚାରପତି ଏହାକୁ ରଦ୍ଦ କରିଥିଲେ – ଅପିଲରେ ଦର୍ଶାଯାଇଛି : ଜିଲ୍ଲା ବିଚାରପତି ଏହା ଦର୍ଶାଇବାରେ ସଠିକ ଥିଲେ ଯେ, ଅପିଲକାରୀ ଜାଣି ପାଇବାର ତାରିଖ ଠାରୁ 30 ଦିନ ମଧ୍ୟରେ ଏକତରଫା ଆଦେଶକୁ ରଦ୍ଦ କରିବା ପାଇଁ ଆବେଦନ ଦାଖଲ କରିଥିଲେ – ଉଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିବାରେ ଭୁଲ କରିଥିଲେ – ଅପିଲକାରୀ ଜିଲ୍ଲା ବିଚାରପତିଙ୍କ ସମ୍ମୁଖରେ ହାଜର ହେବେ ଏବଂ ଏକ ଲିଖିତ ବିବୃତି ଦାଖଲ କରିବେ – ଜିଲ୍ଲା ବିଚାରପତି ମକଦ୍ଦମାକୁ ଯଥାସମ୍ଭବ ସତ୍ୱର ଭାବରେ ଫଏସଲା କରିବେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 13086/1996

ସି. ଆର୍. ପି. ସଂଖ୍ୟା 2566/1995 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 7.12.95 ର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍. ମୋହନ ଏବଂ ଟି. ରାଜା ।

ଉତ୍ତରଦାତାଙ୍କ ପାଇଁ ଏ. ଟି. ଏମ୍. ସମ୍ପଥ ଏବଂ ଭି. ବାଲାଜୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ଚେୟାର ଜିଲ୍ଲା ମୁନସିଫ୍ ନ୍ୟାୟାଳୟର ନଥିରେ ଓ. ଏସ୍. ସଂଖ୍ୟା 284/84 ରେ ଅପିଲକାରୀ ପ୍ରତିବାଦୀ ଅଟନ୍ତି । ଅପିଲକାରୀଙ୍କୁ 30 ମାର୍ଚ୍ଚ, 1985 ରେ ଏକତରଫା ସ୍ଥିର କରାଯାଇଥିଲା । ଉତ୍ତରଦାତା ତାଙ୍କ ମାଲିକାନାର ଘୋଷଣା ପାଇଁ ଏବଂ ଅପିଲକାରୀଙ୍କୁ ମକଦ୍ଦମା ସମ୍ପତ୍ତି, ଅର୍ଥାତ୍ 2 ଏକର ଏବଂ 30 ସେଣ୍ଟ ପର୍ଯ୍ୟନ୍ତ ଜମିରେ ହସ୍ତକ୍ଷେପ କରିବାରୁ ବାରଣ କରିବା ପାଇଁ ଏକ ନିଷେଧାଦେଶ ପାଇଁ ମକଦ୍ଦମା ଦାଖଲ କରିଥିଲେ । ଏହା ସ୍ୱୀକାର କରାଯାଇଛି ଯେ, ଅପିଲକାରୀଙ୍କ ଉପରେ ବ୍ୟକ୍ତିଗତ ଜାରି କାର୍ଯ୍ୟକାରୀ ହୋଇନଥିଲା । ଏହା ଜଣାପଡ଼ିଲା ଯେ, ନ୍ୟାୟାଳୟ ଖବରକାଗଜରେ ପ୍ରକାଶନ ଦ୍ୱାରା ବିକଳ୍ପ ଜାରି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କିନ୍ତୁ ତାହା ମଧ୍ୟ ଅପିଲକାରୀଙ୍କ ନିକଟରେ ପହଞ୍ଚି ନାହିଁ । 1990 ରେ ଏକତରଫା ଡିକ୍ରି ଏବଂ ଆଦେଶ ବିଷୟରେ ଅବଗତ ହେବା ପରେ, ଅପିଲକାରୀ ଜାଣି ପାଇବାର ତାରିଖ ଠାରୁ 30 ଦିନ ମଧ୍ୟରେ ଡିକ୍ରି ଏବଂ ଆଦେଶକୁ ରଦ୍ଦ କରିବା ପାଇଁ ଆଦେଶ 9, ନିୟମ 13, ସି. ପି. ସି. ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ । ବିଳମ୍ବକୁ କ୍ଷମା କରିବା ପାଇଁ ସେ ତମାଦି ଅଧିନିୟମର ଧାରା 5 ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ । ଜିଲ୍ଲା ବିଚାରପତି ଏହା ଦର୍ଶାଇ ଏହି ବିଳମ୍ବକୁ କ୍ଷମା କରିଥିଲେ ଯେ :

> "ମୁଁ ଆବେଦନକାରୀଙ୍କ ନିବେଦନକୁ ସମର୍ଥନ କରୁଛି ଯେ, ଆବେଦନକାରୀଙ୍କ ମାମଲା ବିଷୟରେ କୌଣସି ଜ୍ଞାନ ନଥିଲା କିମ୍ବା ସେ ବିଚାରାଧୀନ ମାମଲା ବିଷୟରେ ଅବଗତ ନଥିଲେ ଏବଂ ତେଣୁ, ସେ ଜାଣି ପାଇବାର ତାରିଖ ଠାରୁ 30 ଦିନ ମଧ୍ୟରେ ଏହି ଆବେଦନକୁ ଆଗତ କରିବାକୁ ହକଦାର, ତେଣୁ ଏହି ଆବେଦନକୁ ଅନୁମତି ଦିଆଗଲା ।"

ଉପରୋକ୍ତ ଆଦେଶ ବିରୁଦ୍ଧରେ, ଉତ୍ତରଦାତା ଏହି ମାମଲାର ପୁନରୀକ୍ଷଣ ପାଇଁ ଅଗ୍ରସର ହେଲେ । ଜିଲ୍ଲା ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶକୁ ରଦ୍ଦ କରି ବିଜ୍ଞ ଏକକ ବିଚାରପତି ଏହି ଆବେଦନକୁ ଅନୁମତି ଦେଇଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ସମ୍ପଥଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ, ଉତ୍ତରଦାତା ସିପିସିର ନିୟମ 20A, ଆଦେଶ 5 ଅଧୀନରେ ବିକଳ୍ପ ଜାରି ମାଧ୍ୟମରେ ସେବା ପ୍ରଦାନ କରିବା ସମେତ ସିପିସିର ଆଦେଶ 5 ଅଧୀନରେ ଉପଲବ୍ଧ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ତେଣୁ, ଅପିଲକାରୀଙ୍କୁ ଏକତରଫା ଭାବେ ସ୍ଥିର କରିବା ଏବଂ ଏକତରଫା ଡିକ୍ରି ପାରିତ କରିବାରେ ନ୍ୟାୟାଳୟ ସଠିକ ଥିଲେ । ନଥିରେ ଥିବା ସମସ୍ତ ତଥ୍ୟକୁ ଅନୁଧ୍ୟାନ କରିବା ପରେ ବିଜ୍ଞ ଜିଲ୍ଲା ବିଚାରପତି ଉପରୋକ୍ତ ଉପସଂହାରରେ ପହଞ୍ଚିଥିଲେ ଯେ, ଅପିଲକାରୀଙ୍କୁ

କୌଣସି ନୋଟିସ୍ ପ୍ରଦାନ କରାଯାଇ ନାହିଁ ଏବଂ ତେଣୁ, ସେ ତମାଦି ଅଧିନିୟମର ଅନୁସୂଚୀର ଅନୁଚ୍ଛେଦ 123 ଅନୁଯାୟୀ ଆବେଦନ ଦାଖଲ କରିବାକୁ ହକଦାର, ଯାହା ଜାରି ପାଇବାର ତାରିଖ ଠାରୁ 30 ଦିନ ଅଟେ । ତଦନୁସାରେ, ଆବେଦନ ଦାଖଲ କରାଯାଇଥିଲା, ଯଦିଓ 2015 ଦିନ ବିଳମ୍ବ ହୋଇଥିଲା । ଏହି ପରିସ୍ଥିତିରେ, ବିଜ୍ଞ ଜିଲ୍ଲା ବିଚାରପତି ଏହା ଦର୍ଶାଇବାରେ ସଠିକ ଥିଲେ ଯେ, ଅପିଲକାରୀ ଜାଣି ପାଇବାର ତାରିଖ ଠାରୁ 30 ଦିନ ମଧ୍ୟରେ ଏକତରଫା ଅପିଲକୁ ରଦ୍ଦ କରିବା ପାଇଁ ଆବେଦନ ଦାଖଲ କରିଥିଲେ । ଜିଲ୍ଲା ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶରେ ହସ୍ତକ୍ଷେପ କରିବାରେ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ ଭୁଲ କରିଥିଲେ ।

ତଦନୁସାରେ ଅପିଲକୁ ଅନୁମତି ଦିଆଗଲା । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରାଗଲା ଏବଂ ଜିଲ୍ଲା ବିଚାରପତିଙ୍କ ଆଦେଶକୁ ନିଶ୍ଚିତ କରାଗଲା । ଅପିଲକାରୀଙ୍କୁ 28 ଅକ୍ଟୋବର, 1996 ରେ ଜିଲ୍ଲା ବିଚାରପତିଙ୍କ ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେ ଏକ ଲିଖିତ ବିବୃତି ମଧ୍ୟ ଦାଖଲ କରିବା ଉଚିତ । ବିଜ୍ଞ ଜିଲ୍ଲା ବିଚାରପତିଙ୍କୁ ଏହି ମକଦ୍ଦମାର ଯେତେ ସତ୍ୱର ସମ୍ଭବ ଫଏସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.                                                            ଅପିଲକୁ ଅନୁମତି ଦିଆଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ